( ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ )

# ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ଓଡ଼ିଶା, ଭୁବନେଶ୍ୱର

## ଜିରକ୍ସ ମେସିନ୍ କ୍ରୟ କରାଯିବାପାଇଁ ମୂଲ୍ୟାଙ୍କ ଆହ୍ୱାନ ସୂଚନା

ଭୁବନେଶ୍ୱର, ତା- 18 ସେପ୍ଟମ୍ବର, ୨୦୧୮

ପ୍ରତିଷ୍ଠାନ-୪-୧୧/୨୦୧୮- 863 /ଏତଦ୍ୱାରା ଜଣାଇ ଦିଆଯାଉଅଛିକିଯେ, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଏକ ଜିରକ୍ସ ମେସିନ୍, ଏକ ଭୋଲ୍‌ଟେଜ ଷ୍ଟାବିଲାଇଜର ଏବଂ ଏକ ଜିରକ୍ସ ମେସିନ୍ ଷ୍ଟାଣ୍ଡ କ୍ରୟ କରିବାପାଇଁ ସ୍ଥିର କରଛନ୍ତି । ଏଥିରେ ଇଚ୍ଛୁକଥିବା ପ୍ରାଧିକୃତ ଏଜେଣ୍ଟ (Authorised Dealer) ମାନଙ୍କୁ ଅନୁରୋଧ, (ଯେଉଁ ମାନେ କେବଳ XEROX ଓ CANON ମେସିନ୍ ବିକ୍ରି କରୁଥିବେ) ଅନୁରୋଧ, ସେମାନେ ସେମାନଙ୍କ ଜଉ ମୁଦିଆ (ସିଲ) କୋଟେସନ ଏବଂ ତାହା ସହିତ ସେମାନଙ୍କର ପ୍ରାଧିକୃତ ଏଜେଣ୍ଟ (Authorised Dealer) ସାର୍ଟିଫିକେଟ୍, ମେସିନ୍ ନାମ, ମଡେଲ୍, ଜିନିଷର ଦାମ ଏବଂ ସବିଶେଷ ବିବରଣୀ ଲେଖି ଉକ୍ତ ମୂଲ୍ୟାଙ୍କ ଆହ୍ୱାନ ସୂଚନା ପ୍ରକାଶ ପାଇବାର ୧୦ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଠିକଣାରେ ପଠାଇବେ । ପୁନଶ୍ଚ ବର୍ତ୍ତମାନ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ତା-୧୪.୧୧.୨୦୧୧ରିଖ ଠାରୁ କ୍ରୟ କରାଯାଇଥିବା ଏବଂ ବର୍ତ୍ତମାନ୍ ଚାଲୁ ଅବସ୍ଥାରେ ଥିବା ଏକ (Xerox Model-WC-5016) ମେସିନ୍‌କୁ କେତେ ଟଙ୍କାରେ ଫେରବଦଳ କରି ନୂତନ ଜିରକ୍ସ ମେସିନ ଯୋଗାଇବେ ତାହା ସ୍ପଷ୍ଟରୂପେ ଉଲ୍ଲେଖ କରିବାକୁ ହେବ । ଗ୍ରହଣ କରାଯାଇଥିବା କୋଟେସନ ଗୁଡିକ ଗ୍ରହଣ କରିବାର ୦୩ ଦିନ ମଧ୍ୟରେ ଖୋଲାଯିବ । ନୂତନ ଜିରକ୍ସ ମେସିନ୍, ଭୋଲ୍‌ଟେଜ ଷ୍ଟାବିଲାଇଜର ଏବଂ ଜିରକ୍ସ ମେସିନ୍ ଷ୍ଟାଣ୍ଡ ପାଇଁ ସର୍ବ ନିମ୍ନ ଦାମ୍ ଉଲ୍ଲେଖ କରିଥିବା ପ୍ରାଧିକୃତ ଏଜେଣ୍ଟ/କଂପାନିଙ୍କୁ ଉକ୍ତ ମେସିନ୍ ଯୋଗାଇବାପାଇଁ କୁହାଯାଇପାରେ । ଯଦୀ ଯୋଗାଇଥିବା ଜିରକ୍ସ ମେସିନ୍‌ରେ/ଜିନିଷରେ କିଛି ତ୍ରୁଟି କିମ୍ବା ନଷ୍ଟ ହୋଇଥାଏ, ତେବେ ଯୋଗାଇଥିବା ପ୍ରାଧିକୃତ ଏଜେଣ୍ଟ/କଂପାନି ତାଙ୍କ ନିଜ ଖର୍ଚ୍ଚରେ ଫେରସ୍ତ ନେଇ ତାବଦଳରେ ଏକ ନୂତନ ଜିନିଷ ଯୋଗାଇବାକୁ ହେବ । ଅସମ୍ପୂର୍ଣ୍ଣ କିମ୍ବା ଉଲ୍ଲେଖଥିବା ତାରିଖ ପରେ ଗ୍ରହଣ କରାଯାଇଥିବା କୋଟେସନ ଗୁଡିକ କୌଣସି ପରିସ୍ଥିତିରେ ବିଚାରକୁ ନିଆଯିବ ନାହିଁ ଏବଂ କୌଣସି ଅନିବାର୍ଯ୍ୟ କାରଣ ବଶତଃ କୋଟେସନ୍‌ର କିଛି ଅଂଶ କିମ୍ବା ସମସ୍ତ କୋଟେସନ୍‌କୁ ନିମ୍ନ ସ୍ୱାରେକାରୀଙ୍କ ଦ୍ୱାରା ରଦ୍ଦ କରାଯାଇପାରେ ।

ନିର୍ଦ୍ଦେଶକ ୧୮/୯/୧୮
ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର,
ଭୁବନେଶ୍ୱର ।

ଜ୍ଞାପକ ସଂଖ୍ୟା. 864 /ହକୃମରାଗ୍ର, ତାରିଖ/ 18.9.18

ଏହାର ଏକକିତା ନକଲ ଲୁମିନେସ ଇନଫୋଟ୍ରେକ ପ୍ରା.ଲି, ଡି.ଏଲ୍.ଏଫ୍.ସାଇବର ସିଟି, ୬ତମ ମହଲା, ଚନ୍ଦ୍ରଶେଖର ପୁର, ଭୁବନେଶ୍ୱର-୭୫୧୦୨୪ଙ୍କ ଅବଗତି ନିମନ୍ତେ ପଠାଗଲା । ଉକ୍ତ ମୂଲ୍ୟାଙ୍କ ଆହ୍ୱାନ ସୂଚନାକୁ ଜିରକ୍ସ ମେସିନ୍ ପ୍ରାଧିକୃତ ଏଜେଣ୍ଟ/ସର୍ବସାଧାରଣଙ୍କ ଅବଗତି ନିମନ୍ତେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର Website(www.hkmsl.gov.in)ରେ ଦିଆଯାଉ ।

18/9/18
ଆହରଣ ଏବଂ ବିତରଣ ଅଧିକାରୀ,
ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର,
ଭୁବନେଶ୍ୱର ।